ଆସିଛି । ଶଙ୍ଖା ଆଣିଛି ତୋ ପାଇଁ ।'' ଏଇଥର ସାଆନ୍ତାଣୀ ନିଜେ ବାହାରି ଆସିଲେ । ତାଙ୍କ ପଛେ ପଛେ ସେହି ଦାସୀ । ସାଆନ୍ତାଣୀଙ୍କୁ ଦେଖି ବୁଢ଼ା କହିଲା, ''ମୋ ମା' କାହିଁ ? ମୁଁ ତା ପାଇଁ ଆସ୍‌ମାନତାରା ଶଙ୍ଖା ଆଣିଛି, ରଜରେ ପିନ୍ଧିବ ।'' ଦାସୀ ତ ଏତେବେଳକୁ ନୁରି କରି କମ୍ପାଇ ଦିଅନ୍ତାଣି; ସେ କିଛି କହିଲା ନାହିଁ । ସାଆନ୍ତାଣୀ ଧୀରେ ଧୀରେ କହିଲେ, ''ନା, ଶଙ୍ଖା ଲୋଡ଼ା ନାହିଁ ।'' ବୁଢ଼ା କହିଲା, 'ନା ନା, ମୁଁ ମୋ ମା' ଲାଗି ବଡ଼ ଶରଧାରେ ଆଣିଛି ।''

ସାଆନ୍ତାଣୀ—ନା, ଶଙ୍ଖା କେହି ନେବେ ନାହିଁ । ଯା—

ବୁଢ଼ା—ହଉ, ଶଙ୍ଖା ନ ନେଲେ ନାହିଁ, ମୋ ମା'କୁ ଥରେ ଡାକିଦିଅ ମୁଁ ଦେଖିବି । କେଉଁଦିନରୁ ଦେଖି ନାହିଁ ।

ସାଆନ୍ତାଣୀ—ଦେଖା ହୋଇପାରିବ ନାହିଁ ।

ବୁଢ଼ା ମୁଣ୍ଡରେ ବଜ୍ର ପଡ଼ିଲା, ''ଦେଖା ହୋଇ ପାରିବ ନାହିଁ ? ମୋ ମା'କୁ ମୁଁ ଥରେ ଦେଖିପାରିବି ନାହିଁ !'' ବୁଢ଼ାର ଆଖି ଛଚ୍ଛଚ୍ଛ ହୋଇଉଠିଲା । ସେ କାନ୍ଦ କାନ୍ଦ ହୋଇ କହିଲା, ''ଥରଟିଏ ଦେଖିବି—ମୁଁ ଆଉ ବଞ୍ଚିବି ନାହିଁ ।''

ସାଆନ୍ତାଣୀ ଦାସୀକୁ କହିଲେ, ''ଯା, ବୋହୂକୁ ଡାକି ଦେ ।'' ଦାସୀ ଚାଲିଗଲା । କିଛିକ୍ଷଣ ପରେ ବୋହୂ ଆସି ଦୁଆର ପାଖେ ଛିଡ଼ାହେଲା । ସେଇଠି ସେ ସବୁଦିନେ ଛିଡ଼ାହୁଏ । ଆସିଲାବେଳକୁ ଝୁମୁର ଝୁମୁର ହୋଇ ଚାଲିଆସେ । ଛିଡ଼ା ହୋଇ ବୁଢ଼ାକୁ ଚାହିଁଦିଏ । ତା'ର ହସହସ ମୁହଁଟି ଦେଖି ବୁଢ଼ାର ଆନନ୍ଦର ସୀମା ରହେ ନାହିଁ । ଆଜି ନିଃଶବ୍ଦରେ ଆସି ଛିଡ଼ାହେଲା । ସେ ଚାରି ଆଙ୍ଗୁଚ ଲେଖାଏଁ ନାଲି ତହିଁରି ଶାଢ଼ି ନାହିଁ କି ଝୁମ୍ପିନାରା ଦକ୍ଷିଣା ପାଟ ନାହିଁ । ଗୋଡ଼ ଦୁରଟା ଲଙ୍ଗନା, ପିନ୍ଧିଛି ଖଣ୍ଡେ ଧଳା ଥାନ ଲୁଗା । ବୁଢ଼ାର ଦେହ ଥରିଉଠିଲା, ମୁଣ୍ଡ ଘୂରିଗଲା, ବୁଢ଼ା ଆଖି ବୁଜିପକାଇଲା । ପୁଣି ଚାହିଁ ଦେଲାବେଳକୁ ତା'ର ସେହି ହାତଟି ଦିଶିଗଲା—ହାତରେ କିଛି ନାହିଁ । ବୁଢ଼ା ଭୋ ଭୋ କରି ରଡ଼ି କରି ଉଠିଲା । ବୋହୂଟି ଫେରିପଡ଼ି ଚାଲିଗଲା । ବୁଢ଼ା କହିଲା, ''ମା ଲୋ ! ମୁଁ ନ ମରି କାହିଁକି ତୋତେ ଦେଖିବାକୁ ଆସିଲି । ଏଇଯା ଦେଖିବା ଲାଗି ନା ଲୋ ମା'—''

ବୁଢ଼ା ଆଉ କହିପାରିଲା ନାହିଁ । ଗାମୁହାରୁ ତା'ର ବଡ଼ ଯତ୍ନର, ବଡ଼ ଶରଧାର ଶଙ୍ଖାମୁଠିକ ଫିଟାରପକାର ବାହାରେ ଜଟାଡ଼ି ଦେଲା । ମୁଠାକଯାକ ଶଙ୍ଖା ଚୂନା ହୋଇଗଲା । ତହୁଁ ସେ ଏକାମୁହାଁ ହୋର ଫେରି ଚାଲିଗଲା । ଦାସୀ ଓ ଶାଶୁ ରଡ଼ି କରିଉଠିଲେ ।

●

ମାଗୁଣୀର ଶଗଡ଼

ଗୋଦାବରୀଶ ମହାପାତ୍ର

ଖଲିକୋଟର ଦୁରଇକ୍ଷ ଲୋକଙ୍କ ଭିତରେ ପ୍ରତିଦିନ ଯିବାଆସିବା ଚାଲିଛି । କେତେ ସଂସାରରୁ ଯାଉଛନ୍ତି, କେତେ ସଂସାରକୁ ଆସୁଛନ୍ତି । ଏ ଖବର ରଖୁଛନ୍ତି ଗୃହ ପରିବାର ବା ସାଇପଡ଼ିଶାର ଲୋକେ; କିନ୍ତୁ ଯେଉଁଦିନ ମାଗୁଣୀ ଏ ସଂସାର ଛାଡ଼ି ଚାଲିଗଲା, ସେଦିନ ଖବରଟା ଖଲିକୋଟର ପୁରପଲ୍ଲୀ ସବୁଆଡ଼େ ବ୍ୟାପିଗଲା । ଯେ ଶୁଣିଲା ସେ ମୁହୂର୍ତ୍ତେ ହେଲେ ନୀରବ ରହି ଦୁଃଖରେ କହିଲା, ''ମାଗୁଣୀ ଚାଲିଗଲା ? ଆହା, ବିଚରା ଚାଲିଗଲା !''

ମାଗୁଣୀ କିଏ ? ଖଲିକୋଟର ସେ ରାଜା ନୁହେଁ, ଏ କଥା ନିଶ୍ଚୟ । ସେ ରାଜ୍ୟର ନେତା ନୁହେଁ, ଏ କଥା ସମସ୍ତେ କହିବେ । ସେ କର୍ମୀ ନୁହେଁ, ଏ କଥା ସମସ୍ତେ ଜାଣନ୍ତି । ସେ ଜେବେ ସତ୍ୟାଗ୍ରହରେ ଯୋଗ ଦେଇନାହିଁ, କି ରଜାକୁ ଖଜଣା ଦେଇନାହିଁ । ତା ବେଢ଼ରେ କିଏ ପୁଲମାଳ ଲୟାର ନାହିଁ, କି ସେ କାହା ଗଳାରେ ମାଳା ଲୟାଇଦେବା ଦରକାର ପଡ଼ିନାହିଁ; ଜନସମୁଦ୍ର ଭିତରେ କରତାଳି ଗହଳରେ ବକ୍ତୃତା ଦେଇନାହିଁ । ସେ କେବଳ କରିଛି ଗୋଟିଏ କାମ—ମୁଣ୍ଡର ଝାଳ ତୁଣ୍ଡରେ ମାରି ଜୀବନପଥରେ ଲଢ଼େଇ କରିଛି । ସେ ଲଢ଼େଇ ଦେଶପାଇଁ ନୁହେଁ, ଜାତିପାଇଁ ନୁହେଁ, ତାହା ନିଜର ପେଟ ଚାଖଣ୍ଡକ ପାଇଁ । ତଥାପି ମାଗୁଣୀର ମୃତ୍ୟୁ ଖବର ପାଇ ସମସ୍ତେ କହିଲେ, ''ଆହା, ବିଚରା ଚାଲିଗଲା !''

ଗଡ଼ରେ ପଚାରିଲେ ତ ସମସ୍ତେ କହିବେ ମାଗୁଣୀ କିଏ, ଦୂର ଜଙ୍ଗଲ ତଳ ପଲ୍ଲୀ ଗାଁରେ ମଧ୍ୟ ତା'ର ପରିଚୟ ମିଳିପାରିବ । ମାଗୁଣୀ ଖଲିକୋଟର କେହି ନୁହେଁ; ସେ ଜଣେ ଶଗଡ଼ିଆ । ଦୁରଟା ବଳଦ ଓ ସେ; ଏ ତିନି ମିଶି ଗୋଟାଏ ସଂଘ ଗଢ଼ିଥିଲେ, ଯାହା କି ଦୁରଇକ୍ଷ ଲୋକଙ୍କ ମନକୁ ଛୁଇଁଗଲା ।

ପ୍ରତିଦିନ ଖଲିକୋଟ ଗଡ଼ରେ ସୂର୍ଯ୍ୟ ଉଏଁ ଓ ସୂର୍ଯ୍ୟ ଅସ୍ତ ହୁଏ । ଘନଘୋର ବର୍ଷାଦିନେ ଲୋକେ ସୂର୍ଯ୍ୟ ନଦେଖି ମାଗୁଣୀକି ଦେଖି ବେଳ ଜାଣନ୍ତି । ମାଘ ମାସର ଚାଡ଼ରେ ପିଣ୍ଡାରେ ଘୋଡ଼ିଘାଡ଼ି ହୋଇ ଲୋକେ ବସିଥିଲାବେଳେ ମାଗୁଣୀ ନିଜ ପରିଚିତ ସାଙ୍ଗ ଦୁରଟିକୁ ଶଗଡ଼ରେ ଯୋତି ପାହାଡ଼ ତଳେ ଗାତବୋଲି ଚାଲିଯାଏ । ଲୋକେ କୁହନ୍ତି ମାଗୁଣୀ ସେମାନଙ୍କର ଗୋଟାଏ ଘଣ୍ଟା । ବର୍ଷାଦିନେ ବର୍ଷା ଘୁଞ୍ଚିଯାଇପାରେ, ଖରାଦିନେ ଖରା ତାତି ଗଣା ହୋଇପାରେ; କିନ୍ତୁ ମାଗୁଣୀର ଶଗଡ଼ ଦିନେହେଲେ ବନ୍ଦ ହୁଏନାହିଁ । ସେ କହେ ରଜାଘରେ ଯୋଡ଼ା

Scanned with CamScanner

ମୋଟରକାର ଅଛି ସତ; କିନ୍ତୁ ତା ପରି ଇଞ୍ଜିନିୟର ନାହାନ୍ତି । ତା ଶ୍ୱଶୁର ରଜାଘର ମୋଟରଠୁଁ ବଢେ । ବାରବର୍ଷର ଅତି ପରିଚିତ ସାଥୀ ଜାଇଆ ଓ ଜଷରା ବଳଦ ଉପରେ ସେ ହାତ ମାରି ଆଉଁସିଦେଲେ ତା ଗାଡ଼ିର ପକ୍ଷ ଦିଆହୁଏ । ଯେତେବେଳେ ସେ ଶ୍ୱଶୁର ଉପରେ ହସି ଗୀତ ପଦେ ବୋଲିଦିଏ, ''ରାମ ଯେ ଇଲକ୍ଷଣ ଗଲେ ମୃଗ ମାରି'' ତାର ମୋଟର ଚାଲେ । ସେତେବେଳେ ଶ୍ୟାମଳ ତରୁ ପଦ୍ରତଳେ, ଗିରି ଜନ୍ଦରା ଭିତରେ ପ୍ରତିଧ୍ୱନି ଉଠେ । ଅର୍ଦ୍ଧସୁପ୍ତ କୁକ୍‌ଟ କୁମାଟୁଆ ତାକୁ ଉତ୍ତର ଦିଅନ୍ତି । ପଲ୍ଲୀର କୁକାକୁକୁର ଦଳ ଚମକି ଉଠି ଗାଁରେ ଚହଳପକାଇ ଦିଅନ୍ତି । ଘଡ଼ଘଡ଼ ଶବ୍ଦରେ ଶ୍ୱଶୁର ଚାଲିଯାଏ ଷ୍ଟେସନ ଅଭିମୁଖେ ।

ପଚାଶ ବର୍ଷର ମାଗୁଣୀ ବାରବର୍ଷର ସାଥୀ ବଳଦକୁ ଧରି ଯେତେବେଳେ ଉଡ଼ା ବୋହିଚାଲେ, ପଡୁରି ଅଶୀବର୍ଷ ତରର ବାହାଣୀ ପରି ବହିଯାଏ । ସେ କହେ ଆଉ ତା ନିଜ କଥା—ତା'ର କେବେ ବାପା ମା'ଥିଲେ, ସେ କେବେ ସୁଖରେ ବଡ଼ି ଖଟରେ ଶୋଉଥିଲା, ସେ କେବେ ଘରେ ବସି ଦୁଇଓନି ପେଟପୂରାଇ ଖାଉଥିଲା; ଆଉ ଜଣଙ୍କର ମଧୁର ବଚନ ଶୁଣି ଜୀବନର ସବୁ ଦୁଃଖ ଭୁଲିଯାଉଥିଲା । ସେ ଗଢ଼ିଥିଲା ଗୋଟେ ସ୍ୱପ୍ନ ରାଜ୍ୟ । ସେ ରାଜ୍ୟରେ ସିଏ ଥିଲା ରାଜା । ରାଣୀ ଜରି ଯାହାକୁ ଆଣିଥିଲା, ଜୀବନଟାକୁ ସେ ହସାଇ ହସାଇ ନଚାଉଥିଲା । ତା'ର ଅଧର ତଳେ ସେ ଅମୃତ ପିଉଥିଲା; ତା'ର ଚାହାଣି ଭିତରେ ସେ ଜଗତ ଦେଖୁଥିଲା; ତା'ର ନିଃଶ୍ୱାସରେ ସେ ସୁବାସ ବାରୁଥିଲା ଓ ତା'ର ପାଦ ତଳେ ସେ ଫୁଲ ଫୁଟିବାର ଦେଖୁଥିଲା । କିନ୍ତୁ ସେ ସ୍ୱପ୍ନ ତା'ର ବେଶିଦିନ ରହିଲା ନାହିଁ । ସ୍ୱପ୍ନମୟୀ ହସି ହସି ଚାଲିଗଲା ଏ ସଂସାରର ସେପାଖକୁ । ଏ ପାଖେ ଏ ଦୁଇଟି ବଳଦ ଗାଁରୁ ଷ୍ଟେସନକୁ ଓ ଷ୍ଟେସନରୁ ଗାଁକୁ ଦିନକେ ଦୁଇଥର ଯାଇ ତାକୁ ଆର ଜନ୍ମରେ ଭେଟିବାକୁ ଚେଷ୍ଟା କରୁଥିଲା ।

ଶ୍ୱଶୁର ବୋହିଲାବେଳେ ଏ କଥା ସେ ସମସ୍ତଙ୍କୁ ଶୁଣାଇ କନ୍ଦାର ପକାଏ । ନିଜେ ଦୁରନ୍ତୋପା ଲୁହ ନିଜର ଚିରା ଜାନିରେ ପୋଛିଦେଇ ବଳଦ ଉପରେ ହାତ ମାରି ପୁଣି କହେ ଆଉ ଗୋଟାଏ ଗପ । ଲୋକଙ୍କ ବାଟ ସରିଯାଏ, କିନ୍ତୁ ତା'ର ଗପ ସରେନାହିଁ । ସେ କହେ, ତା ଶ୍ୱଶୁରେ ନ ବସିଚି କିଏ ? ବସି ନଥିଲେ ବସି ନଥିବେ ଖଲିକୋଟର ରାଜା । କିନ୍ତୁ ଦେବାନ୍ କହ, ମ୍ୟାନେଜର କହ, ଓକିଲ କହ, ମହାଜନ କହ, ଏପରିକି ମହାମ୍ୟାଙ୍କ ଉଚ୍ଚ ପର୍ଯ୍ୟନ୍ତ କହ, ସମସ୍ତେ ବସିଛନ୍ତି ତା ଶ୍ୱଶୁରେ । ଏସବୁ କଥା କହିଲାବେଳେ ସେ ଏତେ ଉସାହରେ କହେ ଯେ, କେତେବେଳେ ବଳଦ ଦୁଇଟା ଠିଆ ହୋଇଗଲେ ମଧ୍ୟ ସେମାନଙ୍କୁ ଅଡ଼ାଏ ନାହିଁ । ଜାଣିପାରିଲେ କହେ, ଏ ପଶୁଗୁଡ଼ାକ ମଧ୍ୟ ଏ କଥା ଶୁଣିବାକୁ ଜାନଉଛନ୍ତି ।

ମାଗୁଣୀର ଶ୍ୱଶୁର ଓ ବଳଦ ଖଲିକୋଟର ଗୋଟିଏ ବିରାଟ ଇତିହାସ ନ ହେଲେ ମଧ୍ୟ ସେ ଇତିହାସର କେତେଟା ପୃଷ୍ଠା । ସେ ଇତିହାସ କହେ, ଏ ଶ୍ୱଶୁର ରାଜ୍ୟର ସମସ୍ତିଙ୍କି ଚିହ୍ନିଛି । କେତେ ବାଳବିଧବା ଏହାରି ଉପରେ ବସି ଶାଶୁଘରୁ ବାପଘରକୁ ଫେରିଛନ୍ତି । କେତେ ସୁହାସିନୀ କୁଳବଧୂ ବାପଘରୁ ଶାଶୁଘରକୁ ମଧ୍ୟ ଯାଇଛନ୍ତି । ଖଜଣା ଗଣ୍ଡାକ ଦେଇ ନ ପାରି ଯେଉଁଦିନ ମଣ୍ଡଳ ଗାଁର ଗଦା ରାଉତ ଜେଲ ଗଲା, ସେଇଦିନ ତା ଘରର ଛାଞ୍ଚୁଣୀମୁଣ୍ଡା ଆଦି ଏଇ ଶ୍ୱଶୁରରେ ବୁହାହୋଇ ଆସି ରଜାଘର କଚିରି ଦୁଆରେ ଜମା ହୋଇଥିଲା । ଯେଉଁଦିନ ବେନ୍ଦାଜିଆ ଗାଆଁର ମଧୁ ରଥେ ନରହତ୍ୟା ଅପରାଧରେ ଧରାହେଲେ, ସେଦିନ ସେ ଏର ଗାଡ଼ିରେ ବସି ଯାଇଥିଲେ । ଏର ଗାଡ଼ିରେ ବଡ଼ ଓକିଲ ଆସି ରଜାଘର ପକ୍ଷ ନେଇଛନ୍ତି । ଏଇ ଗାଡ଼ିରେ ରଉତ ନେତାଏ ହାତକଡ଼ା ପଡ଼ି ଜଚିରିକି ଯାଇଛନ୍ତି । ଏଇ ଗାଡ଼ି ସୁଖ ଦେଖିଛି, ଦୁଃଖ ଦେଖିଛି । ଲୁହ ବୋହି ଏଇ ଗାଡ଼ିର ଶୁଖିଲା ପାଚର ଗଦି ଓଦା ହୋଇଯାଇଛି; ହସରୋଳରେ ଏଇ ଗାଡ଼ି କେତେ କମିଛି ।

ଏଉସବୁ କଥା କହି ମାଗୁଣୀ ଯେତେବେଳେ ଗାଡ଼ି ଚଳାଏ, ମନେହୁଏ ମାଗୁଣୀ ଗୋଟାଏ ଜୀବନ୍ତ ଇତିହାସ । ଏପରି ଦଶ ପାଞ୍ଚଟା ଇତିହାସକୁ ଏକାଠି କଲେ ଓଡ଼ିଶାରେ ଗୋଟାଏ କୋଣାର୍କ ତିଆରି ହୁଅନ୍ତା ।.

ଦିନେ ମାଗୁଣୀ ଶୁଣିଲା, ତା ଗାଡ଼ିରେ ଆଉ ଲୋକେ ବସିବେ ନାହିଁ; କାରଣ ସିଂହୁଆର ଗୋଟାଏ ମୋଟର ବାସ୍ ଆଣୁଛନ୍ତି । ଶୁଣିଲା ମାତ୍ରେ ସେ ହସି ହସି ଆକାଶ ଫଟାଇଦେଲା । କହିଲା—''ମୋଟର ବାସ୍ !'' ତା କ'ଣ ମୋ ଜାଇଆ-ଜଷରାକୁ ଟପିଯିବ ? ଉଲ କରି ଆହାର ଦେଇ ଯେତେବେଳେ ହାତ ମାରିଦେବି, ଲୋକେ କ'ଣ ମୋ ଗାଡ଼ି ଛାଡ଼ି ସେ ଗାଡ଼ିକି ଯିବେ ? ଏକଥା ଶୁଣି ସମସ୍ତେ ହସିଲେ ସତ; ମାତ୍ର ସେ ଖାତିର କଲା ନାହିଁ । ଦୁଇ ଚାରି ଦିନ ଗଲା । ଦେଖୁ ଦେଖୁ ଗଡ଼ରେ ମୋଟର ବାସ୍ ପହଞ୍ଚିଲା । ଲୋକେ କହିଲେ, ''ଏଥର ମାଗୁଣୀର ବ୍ୟବସାୟ ବୁଡ଼ିଲା । ଏକାବେଳକେ ବୋଡ଼ିଏ ଜଣଙ୍କୁ ଧରି ଘଣ୍ଟାକେ ଚାଳିଶ ମାଇଲ ଯିବ । ମାଗୁଣୀ କି ତାକୁ ଜଇଯିବ ?''

କଥା ସତ । ଦୈତ୍ୟଦାନବ ପରି ଗଡ଼ରେ ମୋଟର ବାସ୍‌ଟାକୁ ଦେଖି ମାଗୁଣୀର ମନରେ ଜନକା ପଶିଗଲା । ସେ କାନ୍ଦିପାରିଲା ନାହିଁ ସତ; କିନ୍ତୁ କାନ୍ଦାକାନ୍ଦ ହୋଇ ଭାବିଲା, ସେଦିନ ଯାଇଥିଲି କୋଦଳା ସଭାକୁ । କିଏ କହୁଥିଲେ, କଳ ଜିନିଷଠୁ ହାତ ଜିନିଷ ଭଲ । ତା ହେଲେ ମୋଟର କଳଠୁଁ କ'ଣ ମୋ ଶ୍ୱଶୁର ଭଲ ନୁହେଁ ? ଏତେ ଲୋକ ସଭାରେ ବସି ଶୁଣୁଥିଲେ, ସେମାନେ କ'ଣ ମୋର ଦୁଃଖ ବୁଝିବେ ନାହିଁ ? କର୍ମୀ ନବୁଝିଲେ ଯିବି

Scanned with CamScanner

ମାଂସର ବିଳାପ

କାଳିନ୍ଦୀଚରଣ ପାଣିଗ୍ରାହୀ

ଜଲି ଏବଂ ଡୋରା ଆବାଲ୍ୟ ପରମସାଥୀ । କ୍ଷଣେ ଏକ ଅପରକୁ ଛାଡ଼ି ରହିବାକୁ ସହଜରେ ରାଜି ହୁଏ ନାହିଁ । ଜଲି ଥରେ ଅସୁସ୍ଥ ହେଲା, ଡୋରା ତାକୁ ଅହର୍ନିଶ ଜଗି ବସିଥାଏ । ସଜଜ ତାଡ଼ନା ତାହା ନିକଟରେ ବ୍ୟର୍ଥ । ଅବଶେଷରେ ସେହିଠାରେ ତା'ର ପାନାହାର ଯୋଗାଇବା ଲାଗି ହୁକୁମ ହେଲା । ଡୋରାର ପାଦ ଥରେ ଚଖମ ହେଲା । ଜଲି ଭଇକରି ଜାଣେ ଡୋରାର ବଳ ଅପରିସୀମ; କିନ୍ତୁ ବୁଝିପାରିଲା ନାହିଁ କାହିଁକି ତାକୁ ଏତେଦିନ ଏଇସ୍ଥାନରେ ବନ୍ଧା ହୋଇ ରହିବାକୁ ହୋଇଛି । ତା'ର ପାଦ ମୁଖରେ ସର୍ଶ କରି ତା'ର ବ୍ୟଥା କେଉଁଠାରେ ଜାଣିବାପାଇଁ ସଚେଷ୍ଟ ହେଲା ।

ଡୋରା ଗୋଟିଏ ଇଂଲିଶ୍ ଗ୍ରେ-ହାଉଣ୍ଡ ଏବଂ ଜଲି ଗୋଟିଏ ଗଡ଼ଜାତ ଚଙ୍ଗଇର କୃପସାର । ଡୋରା ଆସିଛି ବିଖ୍ୟାତ ଇଣ୍ଡନ ନଗରୀରୁ, ଜଲିର ଜନ୍ମସ୍ଥାନ ଓଡ଼ିଶାର ନିଭୃତ ଅରଣ୍ୟାନୀ । ଡୋରା ସମ୍ପୂର୍ଣ୍ଣ ମାଂସାଶୀ, ଜଲି ନିରାଟ ଶାକାହାରୀ; କିନ୍ତୁ ଅତି ଛୋଟଦିନୁ ଦୁହିଁଙ୍କ ମଧ୍ୟରେ ସଦ୍ଭାବ ଜନ୍ମିଯାଇଥିଲା ।

ଡୋରାର ଅସୁସ୍ଥତା ନିବାରଣପାଇଁ ଜଲି ତାହାର ସର୍ବାଙ୍ଗ ଲେହନ କରି ଶୁଶ୍ରୂଷାରେ ଲାଗିଲା । ଅବଶେଷରେ ଡୋରା ଟିକିଏ ସୁସ୍ଥ ହୋଇ ପ୍ରଥମେ ଆସ୍ତେ ଆସ୍ତେ ଚାଲିବାକୁ ଆରମ୍ଭ କଲା । ତା'ପରେ ଯେତେବେଳେ ବସନ୍ତ ପୁଣି ଲେଉଟିଲା, ଫୁଲର ଗନ୍ଧ ଚହଟିଲା, ଦୁଇ ବନ୍ଧୁ ଦକ୍ଷିଣାଭିମୁଖରେ ଇତସ୍ତତଃ ଧାଇଁ କ୍ରୀଡ଼ା କୌତୁକରେ ମଗ୍ନ ହେଲେ—ଯେପରିକି ଏହି ଆନନ୍ଦର ସ୍ରୋତ ଯେଉଁ ଦିଗରୁ ଭାସିଆସୁଛି, ସେହି ରହସ୍ୟମୟ ଦେଶଟାକୁ ଦୁହେଁ ମିଳି ଏକ ମୁହୂର୍ତ୍ତରେ ଆବିଷ୍କାର କରିନେବେ । ଦୁହିଁଙ୍କ ଦୌଡ଼ିବାର ଭଙ୍ଗୀରେ ବିଶେଷ ପାର୍ଥକ୍ୟ ଓ ସୌନ୍ଦର୍ଯ୍ୟ ଜଳା ନିହିତ ଅଛି । ଡୋରା ଯେତେବେଳେ ଦୌଡ଼େ, ସେତେବେଳେ ଗୋଟିଏ ଇୟମାନ କ୍ଷୀଣସୂତ୍ର ଭୂମିରେ ମିଶିଗଲା ପରି ମନେହୁଏ । ସେତେବେଳେ ତା'ର ଚକ୍ଷୁ, କର୍ଣ୍ଣ, ପାଦ, ମୁଖ ଇତ୍ୟାଦି ଚିହ୍ନିବାର ଉପାୟ ନାହିଁ; କିନ୍ତୁ ଜଲିର ଦୌଡ଼ରେ ଭଙ୍ଗିମା ଭିନ୍ନ ଧରଣର । ସେ ଯେପରି ପ୍ୟାରିସ୍ ଡାନ୍ସ ! ଗୋଡ଼ ଯେପରି ତା'ର ତଳେ ଲାଗୁ ନାହିଁ; କେବଳ ଶୂନେ ଶୂନ୍ୟେ ନାଚିଯାଉଛି ।

ପଶୁ ଦିଓଟି ଜମିଦାର ବାବୁଙ୍କର ବଡ଼ ପ୍ରିୟ ଥିଲେ । ଡୋରା ତ ବିଲାତ ରପ୍ତାନି ବୋଲି ତା'ର ଇଂରାଜୀ ନାମ ରଖାଯାଇଥିଲା; ଜଲିକୁ ତା'ର ଅତ୍ୟନ୍ତ ପ୍ରିୟ ଦେଖି ତାକୁ ମଧ୍ୟ ସେହି ଭାଷାରେ ଅନ୍ୟ ଗୋଟିଏ ନାମରେ ଅଭିହିତ କରାଯାଇଥିଲା । ବର୍ମାବ୍ଯାପ୍ତ ବିବସ ପରେ ଜମିଦାର

ଗାନ୍ଧୀଙ୍କ ପାଖକୁ । ଦରିଦ୍ରର ସାଥୀ ସେ, ଗରିବଙ୍କ ବନ୍ଧୁ ସେ । ସେ କ'ଣ କହିବେ—ମାଗୁଣୀ ମରିଯାଉ, ଆଉ ଏ ସିଂହେ ବଞ୍ଚନ୍ତୁ ?

ଷ୍ଟେସନରୁ ଗଡ଼କୁ ସିଂହଙ୍କ ବାସ୍ ଚାଲିଲା । ମାଗୁଣୀର ଶଗଡ଼ ମଧ୍ୟ ଚାଲିଲା; କିନ୍ତୁ ବାସ୍ ପୂର୍ଣ୍ଣ, ଶଗଡ଼ ଖାଲି । ମାଗୁଣୀ ଯେତେ ଆଗରୁ ରାତି ଅଧରୁ ଉଠି ଷ୍ଟେସନରେ ଶଗଡ଼ ହାଜର ଜଲେ ମଧ୍ୟ ଲୋକେ ଗଲେ ବାସ୍‌ରେ । ଯେତେ ନୂଆ ଅଖାର ଗଦି ପକାଇଲେ ମଧ୍ୟ ଲୋକେ ଧାଇଁଲେ ବାସ୍ ମୁହଁକୁ । ଯେତେ ହାତ ଧରି ଡାକିଲେ ମଧ୍ୟ ଲୋକେ ଚାହିଁଲେ ବାସ୍ ଆଡ଼କୁ । ଦିନେ ଗଲା, ଦୁଇ ଦିନ ଗଲା । ସେ ଦୁରଓଚି ଖାଇବରି ଆସୁଥିଲା, ଓଚିଏ ଖାଇ ଆସିଲା । ସେ ଭାତ ଖାଇ ଆସୁଥିଲା. ଡୋରାଣି ପିଇ ଆସିଲା । ସେ ଦୁଇ ଓଚିରେ ଥରେ ପିଇ ଆସୁଥିଲା, କ୍ରମେ ତିନି ଓଚି ଚୁଲି ଲାଗିଲା ନାହିଁ । କାଳିଆ-କଷରାଙ୍କ ଛାତିହାଡ଼ ଦିଶିଲା । ସେମାନଙ୍କୁ ଧରି ସେ ଯେତେବେଳେ କାନ୍ଦିଲା—କିଏ କହିଲା ପାଗଳ, କିଏ କହିଲା ବାୟା ।

ତା'ପରେ ଯେଉଁଦିନ ମାଗୁଣୀର କୁଡ଼ିଆଦୁଆର ଭାଙ୍ଗି ଗାଁ ଲୋକେ ତା ଶବ କାଢ଼ିଲେ, ଦେଖିଲେ ଛିଣ୍ଡା କନ୍ଥରା ତଳେ ପାଞ୍ଚଣ ବାଡ଼ିଖଣ୍ଡିକ ଶୁଆର ଦେଇ ମାଗୁଣୀ ଆଖି ବୁଜିଦେଇଛି । ମଣାଶିରେ ନିଆଁ ଜଳିଲା, ଆକାଶରେ ପକ୍ଷୀ ଉଡ଼ି ଧୂଆଁ ପାର ହେଲେ । ଖଇକୋଟର ଦୁଇଲକ୍ଷ ଲୋକ ସେ ଖବର ପାଇ ଦୁଃଖରେ କହିଲେ—"ଆହା, ମାଗୁଣୀ ଚାଲିଗଲା !"

Scanned with CamScanner